# 4th NSA Level Meeting on Trilateral Maritime Security Cooperation

November 26, 2020

## ତ୍ରିପାକ୍ଷିକ ନୌବାଣିଜ୍ୟ ସୁରକ୍ଷା ସହଯୋଗ ଉପରେ ଚତୁର୍ଥ ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ବୈଠକ

**ନଭେମ୍ବର 26, 2020**

ଶ୍ରୀଲଙ୍କା ପ୍ରତିରକ୍ଷା ମନ୍ତ୍ରଣାଳୟର ସଚିବ ତଥା ଅବସରପ୍ରାପ୍ତ ମାନ୍ୟବର ମେଜର ଜେନେରାଲ କମଲ ଗୁଣରତ୍ନେଙ୍କ ନିମନ୍ତ୍ରଣରେ 27-28 ନଭେମ୍ବର 2020 ରେ ଶ୍ରୀଲଙ୍କା ଦ୍ୱାରା ଆୟୋଜିତ ତ୍ରିପାକ୍ଷିକ ନୌବାଣିଜ୍ୟ ସୁରକ୍ଷା ସହଯୋଗ ଉପରେ ଚତୁର୍ଥ ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ବୈଠକରେ ଭାଗ ନେବାକୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ କଲମ୍ବୋ ଗସ୍ତରେ ଯିବେ।

2. ପୂର୍ବରୁ ଏହି ବୈଠକ 2011 ରେ ମାଳଦ୍ୱୀପରେ, 2013 ରେ ଶ୍ରୀଲଙ୍କାରେ ଏବଂ 2014 ରେ ଭାରତରେ ଅନୁଷ୍ଠିତ ହୋଇଥିଲା। ଭାରତ ମହାସାଗରୀୟ ଦେଶମାନଙ୍କ ମଧ୍ୟରେ ସହଯୋଗ ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ତ୍ରିପାକ୍ଷିକ ବୈଠକ ଏକ ପ୍ରଭାବଶାଳୀ ମଞ୍ଚ ଭାବରେ କାର୍ଯ୍ୟ କରିଛି। ଅତିଥି ଦେଶ ଭାବରେ ମରିସସ୍ ଏବଂ ସେଚେଲ୍ସ ତୃତୀୟ ବୈଠକରେ ଯୋଗ ଦେଇଥିଲେ।

3. ଶ୍ରୀଲଙ୍କାର ପ୍ରତିରକ୍ଷା ସଚିବ ଏବଂ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲଙ୍କ ବ୍ୟତୀତ ମାଳଦ୍ୱୀପର ମାନ୍ୟବର ପ୍ରତିରକ୍ଷା ମନ୍ତ୍ରୀ ମାରିଆ ଦିଦି ଏହି ବୈଠକରେ ଭାଗ ନେବେ।

4. ଭାରତ ମହାସାଗର ଅଞ୍ଚଳରେ ନୌବାଣିଜ୍ୟ ସୁରକ୍ଷା କ୍ଷେତ୍ରରେ ସହଯୋଗ ପ୍ରସଙ୍ଗରେ ଆଲୋଚନା ପାଇଁ ଏହି ବୈଠକ ଏକ ସୁଯୋଗ ପ୍ରଦାନ କରିବ।

5. ଏହି ତ୍ରିପାକ୍ଷିକ ବୈଠକ ଅବସରରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅନ୍ୟ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଭାଗିଦାରୀତା ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**

**ନଭେମ୍ବର 26, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.